# ମେଗା ପ୍ରକଳ୍ପରେ ସାମିଲ ଦାବିରେ ରାଜପଥ ଅବରୋଧ

**କଣିହାଁ,୩୦।୪(ନିରୋଜ ପ୍ରଧାନ)**



ଜଳସେଚନ ପ୍ରକଳ୍ପରେ ସାମିଲ ଦାବିରେ ଆନ୍ଦୋଳନ କରାଯାଇଛି।

ଅନୁଗୋଳ ଜିଲା କଣିହାଁ ବ୍ଲକ ବଲ୍ଲକୋଟ ପଞ୍ଚାୟତ ସହ ଦେନାଳି ଗ୍ରାମକୁ ମେଗା ଜଳସେଚନ ପ୍ରକଳ୍ପରେ ପୁନଃ ସାମିଲ ଦାବିରେ ବଲ୍ଲକୋଟ ଠାରେ ୧୨ ଘଣ୍ଟିଆ ଜାତୀୟ ରାଜପଥ ଅବରୋଧ ସହ ଗ୍ରାମବାସୀଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। ତେବେ ପ୍ରଶାସନର ପ୍ରତିଶ୍ରୁତି ପରେ ସନ୍ଧ୍ୟାରେ ଅବରୋଧ ହଟିଥିଲା।

ସୂଚନା ଅନୁଯାୟୀ, କଣିହାଁ ବ୍ଲକ ବଲ୍ଲକୋଟ ଗ୍ରାମ ସଭାପତି ଅକ୍ଷୟ ବିଶ୍ୱାଳଙ୍କ ଆବାହକତ୍ୱରେ ବଲ୍ଲକୋଟ ହାଟ ଛକଠାରେ ମେଗା ଉଠା ଜଳସେଚନ ପ୍ରକଳ୍ପରୁ ବାଦ ପଡିଥିବା ୬ଟି ଗ୍ରାମର ଚାଷୀ ପୂର୍ବରୁ ନିର୍ଦ୍ଧାରିତ ସୂଚନା ଅନୁସାରେ ଏକାଠି ହୋଇ ୫୩ ନଂ. ଜାତୀୟ ରାଜପଥକୁ ୧୨ ଘଣ୍ଟା ଧରି ଅବରୋଧ କରିଥିଲେ। ପଞ୍ଚାୟତର ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାର ୨୦୨୨ ମସିହାରେ ୩୨୩ କୋଟି ଟଙ୍କା ବ୍ୟୟରେ ପାର୍ବତୀ ଗିରି ଯୋଜନାରେ ୩ଟି ମେଗା ଜଳସେଚନ ପ୍ରକଳ୍ପ ବଲ୍ଲକୋଟ, ଦେନାଳି ଓ ରଞ୍ଜଣା ନାମରେ କାର୍ଯ୍ୟକାରୀ କରିଥିଲେ। ଏହି ପ୍ରକଳ୍ପ ବଲ୍ଲକୋଟ ପଞ୍ଚାୟତର ବଲ୍ଲକୋଟ, ଡମପୋଡି, ପାଣନାଳି, କେନ୍ଦୁବେରେଣି, ଖାଳପାଳ ଓ ରେଙ୍ଗାଳି ପଞ୍ଚାୟତର ଦେନାଳି ଗ୍ରାମର ଚାଷ ଜମି ଜଳସେଚନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ବଲ୍ଲକୋଟ ପଞ୍ଚାୟତର ଗ୍ରାମଗୁଡିକ ସହ ଦେନାଳି ଗ୍ରାମ ପୂର୍ବରୁ ମେଗା ଜଳସେଚନ ପ୍ରକଳ୍ପର ଅଂଶବିଶେଷ ଥିଲା। ପରେ ଏହି ଗ୍ରାମଗୁଡିକୁ ଜିଲାଷ୍ଟ୍ରି ଖଣ୍ଡ ଜଳ ସେଚନ ପ୍ରକଳ୍ପରେ ସାମିଲ କରାଯାଇଛି। ଏହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବର୍ଷ ସାରା ଶୁଖିଲା ପଡୁଥିଲାବେଳେ କେବଳ ବର୍ଷା ଋତୁରେ ହିଁ ଜମିରେ ଜଳସେଚନ ସମ୍ଭବ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବଲ୍ଲକୋଟ ଗ୍ରାମଠାରେ ବ୍ରାହ୍ମଣୀ ନଦୀରେ ମେଗା ଜଳ ପ୍ରକଳ୍ପ ନିର୍ମାଣ ହେଉଥିବା ବେଳେ ଏହି ପଞ୍ଚାୟତର ଗ୍ରାମଗୁଡ଼ିକୁ ଉକ୍ତ ପ୍ରକଳ୍ପରୁ ବାଦ ଦିଆଯାଇଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧ କରି ଆନ୍ଦୋଳନ କରାଯାଇଥିଲା। ଏହାକୁ ସମର୍ଥନ ଜଣାଇ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପାଲଲହଡ଼ାର ପୂର୍ବତନ ବିଧାୟକ ମୁକେଶ ପାଲ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ସାହୁ, ସରପଞ୍ଚ ପ୍ରଦୀପ ସାହୁ, ସମିତି ସଭ୍ୟ ସୀମାଞ୍ଚଳ ପଣ୍ଡା, ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁବାସ ମହାନ୍ତି, କଂଗ୍ରେସ ନେତା ସୁବ୍ରତ ଗଡ଼ନାୟକ, ମହିଳା ନେତ୍ରୀ ସୁଶ୍ରୀ ବେହେରା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଆନ୍ଦୋଳନସ୍ଥଳରେ ତହସିଲଦାର ଚିନ୍ମୟ ଦାସ, ପାଲଲହଡ଼ା ଏସ୍ଡିପିଓ କୈଳାସ ଚନ୍ଦ୍ର ସେଠୀ ପହଞ୍ଚି ବୁଝାଶୁଝା କରିଥିଲେ। ଶେଷରେ ତହସିଲଦାର ୧୫ ଦିନ ମଧ୍ୟରେ ଗ୍ରାମର ଏକ ପ୍ରତିନିଧି ମଣ୍ଡଳୀ ଓ ପ୍ରଶାସନ ମଧ୍ୟରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଅନୁଗୋଳ ପୌରକାର୍ଯ୍ୟାଳୟରେ ମିଳିଲା ନିଯୁକ୍ତି

## ଆଠମଲ୍ଲିକ ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

**ଅନୁଗୋଳ,୩୦।୪(ଦିବ୍ୟଶାନ୍ତନୁ ନାଥ)**



ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍ଏସିରେ କାର୍ଯ୍ୟରତ ଅବସ୍ଥାରେ ଟାକ୍ସ କଲେକ୍ଟର ଦିଲୀପ କୁମାର ସିଂହଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କ ପୁଅ ରଶ୍ମି ରଞ୍ଜନ ସିଂହଙ୍କୁ ପୁନର୍ବାସ ସହାୟତା ଯୋଜନାରେ ନିଯୁକ୍ତି ଦେବାକୁ ହୋଇଥିବା ଆବେଦନକୁ ରାଜ୍ୟ ପୌର ନିର୍ଦ୍ଦେଶକ ମଞ୍ଜୁରୀ ପ୍ରଦାନ କରିଥିଲେ। ହେଲେ ଆଠମଲ୍ଲିକ ଏନ୍ଏସିରେ ରଶ୍ମିରଞ୍ଜନଙ୍କୁ ନିଯୁକ୍ତି ନ ମିଳିବାରୁ ପୌର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନୁଗୋଳ ପୌର କାର୍ଯ୍ୟାଳୟରେ ନିଯୁକ୍ତି ପ୍ରଦାନ କରାଯାଇଛି। ଏଥିସହ ନିର୍ଦ୍ଦେଶ କାର୍ଯ୍ୟକାରୀ କରି ନ ଥିବାରୁ ଆଠମଲ୍ଲିକ ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ପୌର ନିର୍ଦ୍ଦେଶକଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ସୂଚନା ଅନୁଯାୟୀ, ଦିଲୀପଙ୍କ ମୃତ୍ୟୁ ପରେ ପୁନର୍ବାସ ସହାୟତା ଯୋଜନାରେ ନିଯୁକ୍ତି ପାଇଁ ତାଙ୍କ ପୁଅ ରଶ୍ମିରଞ୍ଜନ ଆବେଦନ କରିଥିଲେ। ପୌର ନିର୍ଦ୍ଦେଶକଙ୍କ ଆଦେଶ କ୍ରମେ ଗତ ମାର୍ଚ୍ଚ ୩୧ରେ ରାଜ୍ୟର ବିଭିନ୍ନ ମହାନଗରନିଗମ, ପୌରାଞ୍ଚଳ ଏବଂ ଏନ୍ଏସିରେ ଥିବା ଏପରି ମାମଲାରେ ତୁରନ୍ତ ନିଯୁକ୍ତି ପାଇଁ ତାଲିକା ପ୍ରକାଶ ପାଇଥିଲା। ୩ ଦିନ ମଧ୍ୟରେ ଆବଶ୍ୟକ ପ୍ରମାଣପତ୍ର ଯାଞ୍ଚ କରି ନିଯୁକ୍ତି ଦେବା ପାଇଁ ଚିଠିରେ ଉଲ୍ଲେଖ ରହିଥିଲା। ମୃତ ଦିଲୀପଙ୍କ ପୁଅ ରଶ୍ମିରଞ୍ଜନ ସମସ୍ତ କାଗଜପତ୍ର ଆଠମଲ୍ଲିକ ଏନ୍ଏସି ଅଧିକାରୀଙ୍କ ନିକଟରେ ଦାଖଲ କରିବା ପରେ ମଧ୍ୟ ତାହାକୁ ଗ୍ରହଣ କରାଯାଇ ନ ଥିଲା। ଓଲଟି ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟଗତ ଅଯୋଗ୍ୟ ପ୍ରମାଣପତ୍ର ମଗାଯାଇଥିଲା। ଏ ନେଇ ରଶ୍ମିରଞ୍ଜନ ପୌର ନିର୍ଦ୍ଦେଶକଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୨୮ ତାରିଖରେ ଅନୁଗୋଳ ପୌରପାଳିକାକୁ ପୌର ନିର୍ଦ୍ଦେଶକ ଚିଠି କରି ରଶ୍ମିରଞ୍ଜନଙ୍କୁ ଅନୁଗୋଳ ପୌରପାଳିକାରେ ୩ଦିନ ମଧ୍ୟରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ରଶ୍ମିରଞ୍ଜନଙ୍କୁ ଗୁରୁବାର ଅନୁଗୋଳ ପୌରପାଳିକାରେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ଏନ୍ଏସି ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଚନ୍ଦ୍ରକାନ୍ତ ବେହେରା କହିଛନ୍ତି, ପୌର ନିର୍ଦ୍ଦେଶକଙ୍କ ଚିଠି ପାଇବା ପରେ ରଶ୍ମିରଞ୍ଜନଙ୍କୁ ସମସ୍ତ କାଗଜପତ୍ର ଦାଖଲ କରିବାକୁ କୁହାଯାଇଥିଲା। ସେ କମିଟି ଆଗରେ ତାହା ଉପସ୍ଥାପନ କରିପାରି ନ ଥିଲେ। ମୌଖିକ ଭାବେ ୧ ମାସ ସମୟ ମାଗିଥିଲେ। ପୂର୍ବରୁ ରଶ୍ମିରଞ୍ଜନ ତାଙ୍କ ମା'ଙ୍କ ଏକ ସ୍ୱାସ୍ଥ୍ୟଗତ ଅନ୍ଫିଟ ସାର୍ଟିଫିକେଟ କଟକ ବଡ଼ ମେଡ଼ିକାଲରୁ ଦାଖଲ କରିଥିଲେ। ଆଇନଗତ ଭାବେ ତାହାକୁ ଯାଞ୍ଚ ପାଇଁ ଏସ୍ସିବି ପଠାଯାଇଥିଲା।

# କଳ୍ପତରୁ ଆନୁକୂଲ୍ୟରେ ମଧୁବାବୁଙ୍କ ଜୟନ୍ତୀ



**ବଇଣ୍ଡା,୩୦।୪(ପରିକ୍ଷିତ ସାହୁ)**

ସ୍ୱେଚ୍ଛାସେବୀ ସଙ୍ଗଠନ କଳ୍ପତରୁ ଆନୁକୂଲ୍ୟରେ ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଛି। ଆଠମଲ୍ଲିକ ଉପଖଣ୍ଡ ଆମ୍ବପାଳସ୍ଥିତ ଭାଇଭାଇ ଛାତ୍ରାବାସଠାରେ ଆୟୋଜିତ ଉକ୍ତ ଉତ୍ସବରେ କଳ୍ପତରୁ ସଭାପତି ସୁଧୀରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ସମ୍ମିଳନୀ କିଶୋରନଗର ଶାଖା ସଭାପତି ଡ. ଅଲେଖ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତରଣୀସେନ ସାହୁ, ସମ୍ମାନିତ ଅତିଥି ଭାବେ କିଶୋରନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ରାବାସ ପରିଚାଳକ ଶିକ୍ଷକ ଯଶୁଲାଲ ପ୍ରଧାନ, ଶିକ୍ଷକ ସୁମନ୍ତ ସେଠୀ, ସଞ୍ଜିତ କୁମାର ରଣା, ଛାତ୍ରୀ ଅଙ୍କିତା ବେହେରା, ଛାତ୍ର ଆୟୁଷ ଦେହୁରୀ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଧୁବାବୁଙ୍କ ଜୀବନୀକୁ ନେଇ ସଙ୍ଗୀତ, ବକ୍ତୃତା, ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବଗିଚାରେ ୫୦ରୁ ଅଧିକ ପ୍ରଜାତିର ଆମ୍ବ

## ସଫଳ ଆମ୍ବଚାଷୀ ବିବେକାନନ୍ଦ

**ଅନୁଗୋଳ,୩୦।୪(ଦିବ୍ୟଶାନ୍ତନୁ ନାଥ)**



ନିଜ ବଗିଚାରେ ଆମ୍ବ ସହ ଚାଷୀ ବିବେକାନନ୍ଦ ରଥ।

ଅନୁଗୋଳ ବ୍ଲକ କାଙ୍ଗୁଲା ପଞ୍ଚାୟତ ବେନ୍ତପୁର ଗାଁର ବିବେକାନନ୍ଦ ରଥ ପେଷାରେ ଜଣେ ଚାଷୀ ହୋଇ ନ ଥିଲେ ହେଁ ଏବେ ଚାଷୀମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। କଠିନ ପରିଶ୍ରମ ଓ ନିଷ୍ଠାପର କାର୍ଯ୍ୟ ଯୋଗୁ ସେ ଏକାକୀ ବିନା କୌଣସି ସରକାରୀ ସହାୟତାରେ ବଗିଚାରେ ୫୦ରୁ ଅଧିକ ପ୍ରଜାତିର ଆମ୍ବ ଫଳାଇ ପାରିଛନ୍ତି। ବିବେକାନନ୍ଦଙ୍କ କହିବା ଅନୁଯାୟୀ, ୧୯୮୪ ମସିହାରୁ ସେ ଆମ୍ବ ଚାରା ଲଗାଇ ଆସୁଛନ୍ତି। ତାଙ୍କ ବାପାଙ୍କ ପ୍ରୋତ୍ସାହନ କ୍ରମେ ସେ ଏହି ଆମ୍ବ ବଗିଚା ଆରମ୍ଭ କରିଥିଲେ। ଏବେ ପ୍ରାୟ ଶହେରୁ ଅଧିକ ଆମ୍ବ ଗଛ ତାଙ୍କ ବଗିଚାରେ ରହିଛି। ଆମ୍ବ ଚାଷ ସହ ବିଭିନ୍ନ ପ୍ରଜାତିର ଆମ୍ବ ଚାରା ସଂଗ୍ରହ କରି ଲଗାଇବା ତାଙ୍କର ଏକପ୍ରକାର ସଉକ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସେ ଭିନ୍ନଭିନ୍ନ ପ୍ରଜାତିର ଆମ୍ବ ଚାରା ସଂଗ୍ରହ କରି ନିଜ ବଗିଚାରେ ତାକୁ ଲଗାଇଛନ୍ତି। ଏପରିକି ମହାରାଷ୍ଟ୍ର ଓ ଗୁଜରାଟରୁ ସେ ଆମ୍ବ ଚାରା ଆଣି ଲଗାଇଥିବା କହିଛନ୍ତି। ଭୁବନେଶ୍ୱରସ୍ଥିତ ଆମ୍ବ ଗବେଷଣା ପ୍ରତିଷ୍ଠାନରୁ ମଧ୍ୟ ଅନେକ ଚାରା ସଂଗ୍ରହ କରିଛନ୍ତି। ଦୁଧିଆପଲ୍ଲି, ବମ୍ବେଗ୍ରୀନ୍, ଲେଙ୍ଗେଡା, ଫଜିଜେଷ୍ଟ, ଅଲଫାଂସୋ, ଚେରୁକସମ, ମଲିକା, ଆଖୁରସ, ଅମ୍ରପଲ୍ଲି, ହିମସାଗର, ନିଲମ, ନିଳେଶ୍ୱରୀ, ଲାପସୁନ୍ଦରୀ, ଗୋଦାବରୀ, ବାଇଗଣପଲ୍ଲି, କଳାବଇଁଶୀ, କଞ୍ଚାସୁଆଦି, କେଶର, ସୁନ୍ଦରୀଲେଙ୍ଗେଡ଼ା ଆଦି ଅନେକ ପ୍ରଜାତିର ଆମ୍ବ ତାଙ୍କ ବଗିଚାରେ ସ୍ଥାନ ପାଇଛି। ବାର୍ଷିକ ଏହି ଆମ୍ବ ବଗିଚାରୁ ୧ ଲକ୍ଷରୁ ଅଧିକ ଟଙ୍କା ଆୟ ହେଉଥିବାବେଳେ ଆଗାମୀ ଦିନରେ ଲାଗିଥିବା ନୂଆ ଗଛ ଅଧିକ ରୋଜଗାର ଦେବ ବୋଲି ସେ ପ୍ରକାଶ କରିଛନ୍ତି।

# କଲେଜ ଅଧ୍ୟକ୍ଷଙ୍କୁ ଅବସର ସମ୍ବର୍ଦ୍ଧନା



କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ଆଠମଲ୍ଲିକ,୩୦।୪(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ କଲେଜ ପରିସରରେ ଗୁରୁବାର କଲେଜ ଅଧ୍ୟକ୍ଷ ଡ. ତ୍ରିଲୋଚନ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମସ୍ତେ ମିଶି ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ କହିଥିଲେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମ୍ବରୀଶ ଷଡ଼ଙ୍ଗୀ, ଅଧ୍ୟାପକ ଗଗନ ମିଶ୍ର, ଅଧ୍ୟାପକ ଲକ୍ଷ୍ମୀକାନ୍ତ ମେହେର, ଅଧ୍ୟାପକ ହୃଷୀକେଶ ମହାକୁଡ଼, ଅଧ୍ୟାପିକା ଅର୍ପିତା ଅଞ୍ଜଳି ଗୁରିଆ ପ୍ରମୁଖ ବିଦାୟୀ ଅଧ୍ୟକ୍ଷଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ବ୍ରଜଗୋପାଳ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶେଷରେ ମାନଭଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ

**ବଇଣ୍ଡା,୩୦।୪(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମରେ ନିର୍ମାଣ ହୋଇଥିବା ଦୁର୍ଗା ମନ୍ଦିର ବୁଧବାର ପ୍ରତିଷ୍ଠା କରାଯାଇଛି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ମଙ୍ଗଳବାର କଳସଯାତ୍ରା କରାଯାଇଥିଲା। ବୁଧବାର ପୂଜକ ଗୋପୀନାଥ ମିଶ୍ର, ସୁଶାନ୍ତ ପଣ୍ଡା ନୀତି ନିୟମ ଅନୁସାରେ ପୂଜା କରିବା ପରେ ମା'ଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ହୋମରେ କର୍ତ୍ତା ଭାବେ ଶ୍ରୀମୁଖ ସାହୁ ଓ ସରସ୍ୱତୀ ସାହୁ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିବାବେଳେ ଅତିଥି ଭାବେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ସାଏ, ଭାଜପା ନେତା ପରେଶ ଦେଓ ଉପସ୍ଥିତ ଥିଲେ। କୈଳାଶ ଚନ୍ଦ୍ର ପ୍ରଧାନ, ଅନିଲ ସାହୁ, ମନୋରଞ୍ଜନ ପ୍ରଧାନ, ରଞ୍ଜନ ପ୍ରଧାନ, ସୁମନ୍ତ ପ୍ରଧାନ ସହଯୋଗ କରିଥିଲେ।

# ପତ୍ରଫଡ଼ି ପୋଡ଼ି ଅଭିଯୋଗ

**ବଇଣ୍ଡା,୩୦।୪(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଗୁଦଗୁଦି ପତ୍ର ଫଡ଼ିରେ କେହି ବୁଧବାର ରାତିରେ ନିଆଁ ଲଗାଇ ଦେଇଥିବା ଗ୍ରାମର ଲକ୍ଷ୍ମୀକାନ୍ତ ପ୍ରଧାନ ଗୁରୁବାର କିଆକଟା ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଫଡ଼ିରେ କେନ୍ଦୁପତ୍ର ଥିବାବେଳେ କେତେଜଣ ଯୁବକ ଆସି ନିଆଁ ଲଗାଇ ଦେଇଥିବାବେଳେ କେତେଜଣ ଅସାମାଜିକ ଯୁବକ ଏଥିରେ ସାମିଲ ଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

# ପ୍ରାଥମିକସ୍ତରୀୟ ଶିକ୍ଷକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ପ୍ରାଥମିକସ୍ତରୀୟ ଶିକ୍ଷକ-ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ।

**ତାଳଚେର,୩୦।୪ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାରରେ ଡିଏଭି (ଓଡ଼ିଆ ମାଧ୍ୟମ) ଅନୁଷ୍ଠାନ ସମୂହର ପ୍ରାଥମିକସ୍ତରୀୟ ଶିକ୍ଷକ-ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ୩ ଦିନିଆ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ମହାନଦୀ କୋଲ ଫିଲ୍ଡସ ଅନନ୍ତ ଓସିପି ପ୍ରକଳ୍ପ ଅଧିକାରୀ ଯଶୋବନ୍ତ ପଟ୍ଟନାୟକ ଏବଂ ମ୍ୟାନେଜର(ପର୍ସନାଲ) ଅନିଲ କୁମାର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସହଯୋଗୀ ଭାବେ ଡିଏଭି ବିଦ୍ୟାଳୟ ସମୂହର ଆଞ୍ଚଳିକ ସହ ଅଧିକାରୀ ତଥା ପ୍ରଶିକ୍ଷଣ ସଂଯୋଜିକା ଜ୍ୟୋତି ମିଶ୍ର, ସଙ୍କୁଳ ମୁଖ୍ୟ ତଥା ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ, ଡିଏଭି ତାଳଚେର ଥର୍ମାଲ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷା ସଙ୍ଗୀତା ପଟ୍ଟନାୟକ, ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁ, ଡିଏଭି ବଲାଣି ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଭାକର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସାଧନକାରୀ ଭାବେ ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ଏବଂ ଘଣ୍ଟପଡ଼ା ସଙ୍କୁଳର ସିଆର୍‌ସିସି ପ୍ରମୋଦ ଚନ୍ଦ୍ର ମହାନ୍ତି ଯୋଗଦାନ କରିଥିଲେ। ଡିଏଭି ଅନୁଷ୍ଠାନର ୩୫ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷକ କରୁଣାକର ସାହୁ ଏବଂ ଶିକ୍ଷୟିତ୍ରୀ ସବନମ ମଲ୍ଲିକ କାର୍ଯ୍ୟକ୍ରମ ସଞ୍ଚାଳନ କରୁଛନ୍ତି।

# ଅନୁଗୋଳରେ ଯାଞ୍ଚ କଡ଼ାକଡ଼ି, ଜରିମାନା ଆଦାୟ

## ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ

**ଅନୁଗୋଳ,୩୦।୪( ଦିବ୍ୟଶାନ୍ତନୁ ନାଥ)**

ଗାଁରୁ ସହର, ସବୁଆଡ଼େ ମାଲବାହୀ ଗାଡ଼ି ଗୁଡ଼ିକରେ ଯାତ୍ରୀ ପରିବହନ ବଢ଼ିବାରେ ଲାଗିଛି। ବିଶେଷକରି ଶ୍ରମିକମାନଙ୍କୁ ବୋହିବାରେ ଅନେକ ଲୋକ ମାଲବାହୀ ଗାଡ଼ିଗୁଡିକୁ ବ୍ୟବହାର କରୁଛନ୍ତି। କେତେକ ସ୍ଥାନରେ ଏହି ଗାଡ଼ିଗୁଡ଼ିକୁ ବ୍ୟବହାର କରି ଡିଜେ, ମେଲୋଡି ଆଦି କ୍ଷେତ୍ରରେ ବ୍ୟବହାର ହେଉଥିବା ଦେଖାଯାଇଛି। ଯାତ୍ରୀ ପରିବହନ କରୁଥିବା ଏପରି ମାଲବାହୀ ଗାଡ଼ି ଟିଟିଲାଗଡ଼ ଓ ବରଗଡ଼ଠାରେ ଦୁର୍ଘଟଣାଗ୍ରସ୍ତ ହେବାପରେ ରାଜ୍ୟ ପରିବହନ ବିଭାଗ ତତ୍ପର ହୋଇଉଠିଛି। ଅନୁଗୋଳ ଜିଲା ପରିବହନ ବିଭାଗ ତରଫରୁ ଏହି ଯାଞ୍ଚକୁ କଡ଼ାକଡ଼ି କରାଯାଉଛି। ବୁଧବାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ଟ୍ରାଫିକ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀ ଯାଞ୍ଚ କରି ଏକ ଡିଜେ ଗାଡିକୁ ଅଟକ ରଖିଥିଲେ। ଉକ୍ତ ଗାଡ଼ିଟି ବିନା ପରମିଟ ଏବଂ ଫିଟ୍‌ନେସରେ ଚାଲୁଥିବାରୁ ୪୦ ହଜାର ଟଙ୍କା ଜରିମାନା କରାଯାଇଥିଲା। ଏଥିସହ ଆଉ ଏକ ମେଲୋଡି ଗାଡି ମଧ୍ୟ ଅଟକ ରହିଥିଲା। ଏହି ଗାଡ଼ିରେ କେତେଜଣ ଲୋକଙ୍କୁ ନିଆଯାଉଥିବାରୁ ୧୦ ହଜାର ଟଙ୍କା ଜରିମାନା କରାଯାଇଥିବା ଟ୍ରାଫିକ ଇନ୍ସପେକ୍ଟର ସୁମନ୍ତ ସେଠୀ ପ୍ରକାଶ କରିଛନ୍ତି। ଜରିମାନା ଆଦାୟ ପରେ ଉକ୍ତ ଗାଡ଼ିକୁ ଛାଡି ଦିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# କାଳବୈଶାଖୀ: ଗଛ ପଡ଼ି ରାସ୍ତା ଅବରୋଧ



**ଅନୁଗୋଳ,୩୦।୪(ଦିବ୍ୟଶାନ୍ତନୁ ନାଥ)/ ବଇଣ୍ଡା (ପରିକ୍ଷିତ ସାହୁ)/ ବଅଁରପାଳ (ସୁବାସ ସାହୁ)/ ବନ୍ତଲା (ସୁଶିତ ସାହୁ)**

ଅନୁଗୋଳରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ବର୍ଷା ପବନ ଯୋଗୁ ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ୨ ଘଣ୍ଟା ଧରି ପ୍ରବଳ ମାତ୍ରାରେ ବର୍ଷା ପବନ ହେବାରୁ ତୁରଙ୍ଗ ନିକଟ ଦୁର୍ଗା ହୋଟେଲ ଏବଂ ଏଫ୍‌ସିଆଇ ଗୋଦାମ ନିକଟରେ ଗଛ ଭାଙ୍ଗି ପଡିଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବରପାଇ ଅଗ୍ନିଶମ ବାହାନୀ ପହଞ୍ଚି ରାସ୍ତାରୁ ଗଛଗୁଡିକ କାଟି ଅବରୋଧ ହଟାଇଛନ୍ତି। ସେହିପରି ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ଅପରାହ୍ନ ୪ଟାରେ କାଳବୈଶାଖୀ ଯୋଗୁ କ୍ଷୟକ୍ଷତି ଘଟିଛି। ଜୋର୍‌ରେ ପବନ ଯୋଗୁ କେତେକ ସ୍ଥାନରେ ଆଜବେଷ୍ଟସ ଓ ଟାଳଘର ଛପର ଉଡ଼ି ଯାଇଥିବାବେଳେ ଗଛ ପଡି ବିଭିନ୍ନ ରାସ୍ତା ଅବରୋଧ ହୋଇଛି। ବଇଣ୍ଡାରେ ଥିବା ଅନେକ ଉଠା ଦୋକାନୀଙ୍କ ଛପର ଉଡାଇ ନେବା ସହ ଭାଙ୍ଗି ଯାଇଥିବାରୁ ବ୍ୟବସାୟୀମାନେ କ୍ଷତି ସହିଛନ୍ତି। ବିଦ୍ୟୁତ୍ ତାର ଛିଣ୍ଡିଥିବା ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଅନେକ ପରିବା ଚାଷ ମଧ୍ୟ ନଷ୍ଟ ହୋଇଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି। ସେହିପରି ବଅଁରପାଳ ଅଞ୍ଚଳରେ କାଳବୈଶାଖୀ ଯୋଗୁ ବହୁ ଗଛ ଉପୁଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏଥିସହ ଅନେକ ଆଜବେଷ୍ଟସ ଘରର ଛାତ ଉଡ଼ିଯାଇଛି। ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ନାଲ୍‌କୋ ସେଣ୍ଟ୍ରାଲ ମାର୍କେଟ ନିକଟରେ ଏକ ଗଛ ଉପୁଡ଼ି ପଡ଼ିବାରୁ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କୁ ତୁରନ୍ତ ନାଲ୍‌କୋ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଫ୍‌ସିଆଇ ଛକରୁ ହାଣ୍ଡିଧୁଆଁ ଯାଉଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଗଛ ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ବନ୍ତଲା ଅଞ୍ଚଳର ବଡ଼କେରା, ଶରଧାପୁର, ବନ୍ଧାଣପଶି ଅଞ୍ଚଳରେ ଗଛ ସହ କେତେଜଣଙ୍କ ଘର ଛପର କ୍ଷତିଗ୍ରସ୍ତ ଯାଇଛି। ବଡ଼କେରା ଗ୍ରାମର ଭୀମସେନ ଜେନା, ବସନ୍ତ ଜେନା, ସୁରଥ ସାହୁ ଏବଂ କୁଳମଣି ଦେହୁରୀଙ୍କ ଘର ଉପରେ ଗଛପଡ଼ି ଘର ଭାଙ୍ଗିଯିବା ସହ ଆଜବେଷ୍ଟସ ସବୁ ଉଡ଼ି ଯାଇଛି। ଶରଧାପୁର ପଞ୍ଚାୟତ ରାମିମୁଣ୍ଡା ଗ୍ରାମର ଦୁଃଖବନ୍ଧୁ ନାଏକଙ୍କ ଟାଳଛପର ଉଡ଼ିଯାଇଛି। ବନ୍ଧାଣପଶି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାହାଘର ଭୋଜି ପାଇଁ ବନ୍ଧା ଯାଇଥିବା ଟେଣ୍ଟ କାଳ ବୈଶାଖୀ ପବନରେ ଉଡ଼ିଯାଇଛି।

# କଳ୍ପନା ଉପଖଣ୍ଡ ଟପ୍ପର

**ବଇଣ୍ଡା, ୩୦।୪ (ପରିକ୍ଷିତ ସାହୁ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ୩ ଶେଷବର୍ଷ ପରୀକ୍ଷାରେ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ୧୨୫ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧୯ ଜଣ ପ୍ରଥମ ଶ୍ରେଣୀ ସମ୍ମାନ ଓ ଡିଷ୍ଟିଙ୍କଶନରେ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଆ ବିଭାଗରେ କଳ୍ପନା ସାହୁ, ରାଜନୀତି ବିଜ୍ଞାନରେ ଲୋପାମୁଦ୍ରା ପ୍ରଧାନ, ଇତିହାସ ବିଭାଗରେ ପଦ୍ମିନୀ ପ୍ରଧାନ



କଳ୍ପନା ସାହୁ।

ଓ ଦର୍ଶନ ଶାସ୍ତ୍ର ବିଭାଗରେ ରୁକ୍ମିନା ମାଝୀ ମହାବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଶ୍ୱବିଦ୍ୟାଳୟର ପ୍ରଥମ ୧୦ ଜଣରେ କଳ୍ପନା ସାହୁ ଓ ସୂର୍ଯ୍ୟମଣି ପ୍ରଧାନ, ରୁକ୍ମିନା ମାଝୀ ପ୍ରମୁଖ ସ୍ଥାନିତ ହୋଇଛନ୍ତି। ଏହାସହ ଆଠମଲ୍ଲିକ ସବ୍‌ଡିଭିଜନରେ କଳ୍ପନା ସାହୁ ୮୭୭ ନମ୍ବର ରଖି ଟପ୍ପର ହୋଇଛନ୍ତି। ସମସ୍ତଙ୍କୁ ମହାବିଦ୍ୟାଳୟ, ଜନସାଧାରଣଙ୍କ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଜିଏସ୍‌ଟି ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା



ଟାକ୍ସ ବାର୍ ଆସୋସିଏଶନ ହଲ୍‌ରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଅନୁଗୋଳ,୩୦।୪(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲା ଟାକ୍ସ ବାର୍ ଆସୋସିଏଶନ ପକ୍ଷରୁ ଗତ ୨୯ ତାରିଖରେ ଟାକ୍ସ ବାର୍ ଆସୋସିଏଶନ ହଲ୍‌ରେ ସେଣ୍ଟ୍ରାଲ ଜିଏସ୍‌ଟି ଏବଂ ଅନୁଗୋଳ ଏକ୍ସାଇଜ ବିଭାଗ ଅଧିକାରୀମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଏସ୍‌ଟି ସମ୍ବନ୍ଧୀୟ ଦୈନନ୍ଦିନ ସମସ୍ୟା ଉପରେ ଆଲୋଚନା କରିବା ସହିତ ଟାକ୍ସ ପେଶାଦାର ଏବଂ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏହି ବୈଠକର ଉଦ୍ଦେଶ୍ୟ ଥିଲା। ସେଣ୍ଟ୍ରାଲ ଜିଏସ୍‌ଟି ବିଭାଗ ପକ୍ଷରୁ ସହାୟକ ଆୟୁକ୍ତ ମୁକୁନ୍ଦ କୁମାରଙ୍କ ସହ ଅଧୀକ୍ଷକ ସନନ୍ତ କୁମାର ରାଉତ, ରଶ୍ମିରଞ୍ଜନ ଦାଶ, ପଦ୍ମଲୋଚନ ରଣା, ଦୀପକ ମିନା, ଅଖିଳ ସିଂହ, ଦୀପ୍ତିକାନ୍ତ ବେହେରା ଏବଂ ହେମନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ଟାକ୍ସ ବାର୍ ଆସୋସିଏଶନ ପକ୍ଷରୁ ଜିଏସ୍‌ଟି ପାଳନ ସମୟରେ ସମ୍ମୁଖୀନ ବିଭିନ୍ନ ବ୍ୟାବହାରିକ ସମସ୍ୟା ସହ ଏକ ସ୍ମାରକପତ୍ର ଦାଖଲ କରାଯାଇଥିଲା। ଆସୋସିଏଶନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପାଣି ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସୋସିଏଶନ ସଚିବ ଅମିନ ନୁର୍ଦ୍ଦିନ, ସହାୟକ ଆୟୁକ୍ତ ମୁକୁନ୍ଦ କୁମାର, କାର୍ଯ୍ୟକାରୀ ସଦସ୍ୟ ଅମ୍ବିକା ପ୍ରସାଦ ସାହୁ, ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, କୋଷାଧ୍ୟକ୍ଷ ଶଶି ଭୂଷଣ ସ୍ୱାଇଁ ଏବଂ କାର୍ଯ୍ୟକାରୀ ସଦସ୍ୟ ଶ୍ରୀକାନ୍ତ କୁମାର ବିଶ୍ୱାଳ କର୍ମଶାଳାରେ ଉପସ୍ଥିତ ଥିଲେ।

